# ମଧୁର ଜଳରେ ମାଛ ଚାଷ




ଲେଖିକା

**କୁମାରୀ ରଶ୍ମିପ୍ରଭା ମିଶ୍ର**

କାର୍ଯ୍ୟକ୍ରମ ସହଯୋଗୀ (ମତ୍ସ୍ୟ ବିଜ୍ଞାନ)

ମୁଖ୍ୟ ସଂପାଦକ

**ଶ୍ରୀ ନିରଞ୍ଜନ ଦାସ**

କାର୍ଯ୍ୟକ୍ରମ ସଂଯୋଜକ



## କୃଷି ବିଜ୍ଞାନ କେନ୍ଦ୍ର, ଅନୁଗୁଳ

ଲେଖିକା
କୁମାରୀ ରଶ୍ମିପ୍ରଭା ମିଶ୍ର
କାର୍ଯ୍ୟକ୍ରମ ସହଯୋଗୀ (ମତ୍ସ୍ୟ ବିଜ୍ଞାନ)

ଶ୍ରୀମତୀ ବିନିତା ଶତପଥୀ
ବିଷୟବସ୍ତୁ ବିଶେଷଜ୍ଞ (କୃଷି ସଂପ୍ରସାରଣ)

ଶ୍ରୀଯୁକ୍ତ ସୁଜିତ୍ କୁମାର ଦାସ
ସହାୟକ ମତ୍ସ୍ୟ ଅଧିକାରୀ
ଜିଲ୍ଲା ମତ୍ସ୍ୟ ବିଭାଗ, ଅନୁଗୁଳ

ମୁଖ୍ୟ ସଂପାଦକ
ଶ୍ରୀଯୁକ୍ତ ନିରଞ୍ଜନ ଦାସ
କାର୍ଯ୍ୟକ୍ରମ ସଂଯୋଜକ

ମୁଦ୍ରଣ
ଓଁ ମା ପ୍ରିଣ୍ଟର୍ସ
ଅନୁଗୁଳ

## ମାଛର ବିଶେଷତ୍ୱ

ଶରୀର ଗଠନ ଓ କ୍ଷତି ପୂରଣ ପାଇଁ ପୁଷ୍ଟିସାର ଖାଦ୍ୟର ଆବଶ୍ୟକତା ଯଥେଷ୍ଟ ବେଶୀ । ତା ବ୍ୟତୀତ ଅତ୍ୟଧିକ ଶାରିରୀକ ପରିଶ୍ରମ କରୁଥିବା ଲୋକଙ୍କ ପାଇଁ ପୁଷ୍ଟି ସାର ଖାଦ୍ୟର ପରିମାଣ ବୃଦ୍ଧି ପାଇବା ଦରକାର । ଛୋଟ ଶିଶୁ, ବଢ଼ିବା ଛୁଆ, ଗର୍ଭବତୀ ମହିଳା ଓ କଠିନ ପରିଶ୍ରମ କରୁଥିବା ବ୍ୟକ୍ତିମାନଙ୍କର ଦିନକୁ ଭାତ ଛଡ଼ା ପୁଷ୍ଟି ସାର ଖାଦ୍ୟ ଦରକାର ହୋଇଥାଏ । ମାଛରେ ଥିବା ପୁଷ୍ଟିସାର ଆମ ଶରୀରକୁ ସୁସ୍ଥ, ସବଳ ରଖିବାରେ ସାହାଯ୍ୟ କରେ । ଏତଦ୍‌ବ୍ୟତୀତ ଆମର ଖାଦ୍ୟ ସଂକଟର ସମାଧାନ ପାଇଁ ବିଭିନ୍ନ ପଦକ୍ଷେପ ମଧ୍ୟରେ ମାଛ ଚାଷ ଏକ ଉତ୍କୃଷ୍ଟ ଲାଭଜନକ, ଖାଦ୍ୟପୋଯୋଗୀ ଚାଷ । ମାଛରେ ଶତକଡ଼ା ୨୦ ଭାଗ ପୁଷ୍ଟିସାର ଥାଏ । ସବୁ ପୁଷ୍ଟିସାର ଖାଦ୍ୟ ତୁଳନାରେ ସହଜରେ ଏହା ହଜମ ହୁଏ । ଆମ ଶରୀର ଲାଗି ନିହାତୀ ଜରୁରୀ ୧୨ଟି ଏମିନୋ ଏସିଡ୍ ମଧ୍ୟରୁ ଏଥିରେ ୮ଟି ଥାଏ । ମାଛ କିମ୍ବା ଚିଙ୍ଗୁଡ଼ିରୁ ମିଳୁଥିବା ସ୍ନେହସାର ଗୁଡ଼ିକ ଶରୀରର ଆବଶ୍ୟକତା ପୂରଣ କରେ ।କିନ୍ତୁ ରକ୍ତରେ କୋଲେଷ୍ଟରଲ ବଢ଼ାଏ ନାହିଁ । ତେଣୁ ଏହି ଖାଦ୍ୟ ଅନ୍ୟାନ୍ୟ ସ୍ନେହସାର ଖାଦ୍ୟ ପରି ଦେହରେ ରକ୍ତଚାପ ବଢ଼ାଇ ନଥାଏ । ତେଣୁଆମକୁ ବର୍ତ୍ତମାନ ମାଛ ଚାଷ କରି ଆମର ପରିବାରର ଉତ୍ତମ ଖାଦ୍ୟ ବ୍ୟବସ୍ଥା କରିବା ସହିତ ଏହାକୁ ଏକ ଲାଭଜନକ ବ୍ୟବସାୟ ରୂପେ ଗ୍ରହଣ କରାଯାଇପାରିବ ।


## ଚାଷ ଉପଯୋଗୀ ଜାତିଆ ମାଛ

ଅଳ୍ପଦିନରେ ଅଧିକ ବଢ଼ିପାରୁଥିବା ଓ ବଜାରରେ ଚାହିଦା ଥିବା ମାଛଙ୍କୁ ପୋଖରୀରେ ଚାଷ କରାଯାଇଥାଏ । ସେଗୁଡ଼ିକ ମୁଖ୍ୟତଃ :-

| ଓଡ଼ିଆ ନାମ | ଇଂରାଜି ନାମ | ପ୍ରାଣୀ ବିଜ୍ଞାନର ନାମ |
|---|---|---|
| ଭାକୁର୍ଡ଼ | କାଟଲା | କାଟଲା କାଟଲା |
| ରୋହି | ରୋହୁ | ଲାବିଓ ରୋହିତା |
| ମିରିକାଳି | ମ୍ରିଗାଲା | ସିରିହିନସ୍ ମ୍ରିଗାଲ୍ |
| ରୂପାପେଟି | ସିଲଭର କାର୍ପ | ହାଇପୋଥାଲମିକ୍ ଥାଇସ୍ ମୋଲିଟ୍ରିକ୍ସ |
| ଦଳଖାଇ | ଗ୍ରାସ୍ କାର୍ପ | ଟିନୋଫାରିଙ୍ଗୋଡନ୍ ଇଡେଲା |
| ଚାଇନା ରୋହି | କମନକାର୍ପ | ସାଇପ୍ରିନ୍ସ କାର୍ପିଓ |

ଉପରୋକ୍ତ ମାଛମାନଙ୍କ ମଧ୍ୟରୁ ଗୋଟିଏ ପ୍ରଜାତିର ମାଛକୁ ଚାଷ କଲେ ଏକକ ଚାଷ କୁହାଯାଏ । ଅନ୍ୟ ଏକ ଚାଷ ବିଧି ହେଲା ମିଶ୍ରିତ ମାଛ ଚାଷ । ଚାଷୀମାନେ ୩-୪ ପ୍ରଜାତିର ମାଛଙ୍କୁ ମଧ୍ୟ ଏକାଠି ଚାଷ କରିପାରନ୍ତି । କାରଣ ମାଛମାନେ ସେମାନଙ୍କର ଖାଦ୍ୟ ପୋଖରୀର ବିଭିନ୍ନ ସ୍ତରରୁ ସଂଗ୍ରହ କରିଥାନ୍ତି ।

ପାଣିର ବିଭିନ୍ନ ସ୍ତରରୁ କାର୍ପ ମାଛମାନଙ୍କର ଖାଦ୍ୟ ସଂଗ୍ରହ



ଯଥା ଭାକୁର ଓ ରୁପା ପେଟି - ପାଣିର ଉପର ସ୍ତର

ରୋହି - ପାଣିର ମଧ୍ୟ ସ୍ତର

ମିରିକାଲି ଓ ଚାଇନା ରୋହି - ପାଣିର ତଳ ସ୍ତର

ଦଳ ଖାଇ - ବିଭିନ୍ନ ସ୍ତରରୁ ଜଳଜ ଉଭିଦ

କାର୍ପ ମାଛ ମାନଙ୍କର ଖାଦ୍ୟ ସଂଗ୍ରହ ପ୍ରଣାଳୀ/ସ୍ତର ଭିନ୍ନ ଭିନ୍ନ ହୋଇଥିବାରୁ ସେମାନଙ୍କ ମଧ୍ୟରେ ଖାଦ୍ୟ ପାଇଁ ପ୍ରତିଯୋଗିତା କମ୍ ହୋଇଥାଏ । ଫଳରେ ମାଛ ଭଲ ବଢ଼ିଥାଏ ।

**ପୋଖରୀ କେଉଁଠି କରିବା ?**

ପୋଖରୀର ଖନନ ପୂର୍ବରୁ ଏହାର ଏକ ନକ୍ସା ଅଙ୍କନ କରିବା ଆବଶ୍ୟକ । କାରଣ ନକ୍ସାରୁ ହିଁ ପୋଖରୀର ବିଭିନ୍ନ ଆକାର ଏବଂ ଅଂଶର ମାପଚୁପ ଯଥା ଦୈର୍ଘ୍ୟ ଏବଂ ପ୍ରସ୍ଥ ବନ୍ଧ ବା ପୋଖରୀ ହୁଡ଼ାର ଉଚ୍ଚତା ଓ କ୍ରମାବନତି ଇତ୍ୟାଦିର ପରିକଳ୍ପନା କରାଯାଇ ଥାଏ ।

| **ପୋଖରୀ ପ୍ରକାର** | **ଉଦ୍ଦେଶ୍ୟ** | **ପୋଖରୀ ଆକାର** | **ଗଭୀରତା** |
|---|---|---|---|
| ୧. ନର୍ସରୀ ପୋଖରୀ | ଡିମ୍ବରୁ ସଦ୍ୟ ସ୍ଫୁଟିତ ଗୁଣ୍ଡ ଜାଆଁଳ ଉତ୍ପାଦନ | ୦.୦୨ ରୁ ୦.୦୫ ହେ. | ୯୦ ସେ.ମି. |
| ୨. ଅଭିପାଳନ ପୋଖରୀ | ଗୁଣ୍ଡ ଜାଆଁଳରୁ ବଡ଼ ଜାଆଁଳ ଉତ୍ପାଦନ | ୦.୦୬ରୁ ୦.୧ ହେ. | ୧.୦ ରୁ ୧.୨ ମି. |
| ୩. ପାଳନ ପୋଖରୀ | ଖାଦ୍ୟ ଉପଯୋଗୀ ମାଛ ଉତ୍ପାଦନ | ୦.୨ ରୁ ୨.୦ ହେ. | ୧.୫-୨ ମି. |



ଉଚ୍ଚ ସ୍ଥାନ ମାନଙ୍କରେ ପୋଖରୀର ଗଭୀରତା ୭୫ ସେ.ମି. ଏବଂ ଖାଲୁଆ ସ୍ଥାନରେ ଗଭୀରତା ୨.୦୦ ମି. ହେବା ଆବଶକ । ଏଥିରୁ ଭଲ ଉତ୍ପାଦନ ମିଳେ । ପୋଖରୀ ବା ମାଛ ଫାର୍ମ କରିବା ସ୍ଥାନର ୩

ପାର୍ଶ୍ୱ ଉଚ୍ଚ ଏବଂ ୧ ପାର୍ଶ୍ୱ ଗଡ଼ାଣିଆ ହୋଇଥିଲେ ଭଲ । ଏହାଦ୍ୱାରା ପୋଖରୀରୁ ଜଳ ନିଷ୍କାସନ ଦରକାର ସମୟରେ ସୁବିଧାରେ କରିହୁଏ ।

**ମୃତ୍ତିକା**

ଯେଉଁ ମୃତ୍ତିକାରେ ଜଳଧାରଣ ଶକ୍ତି ଭଲ ସେଥିରେ ପୋଖରୀ କରିବା ଦରକାର । କାଦୁଆ ମାଟି, ଦୋରସା ମାଟିରେ ପୋଖରୀ ଖୋଳିବା ଦରକାର । ପଥୁରିଆ, ବାଲିଆ ମାଟିରେ ଜଳଧାରଣ କମ୍ ହୋଇଥିବାରୁ ଏଥିରେ ପୋଖରୀ ଖୋଳିବା ଭଲ ନୁହେଁ ।

**ଜଳ ଉତ୍ସ**

ପୋଖରୀ କରିବା ସ୍ଥାନରେ ଜଳର ଉତ୍ସ ରହିବା ଦରକାର । ସାଧାରଣତଃ ନଦୀ, କେନାଲ, ଝରଣା, ରିଜରଭର, ନଳକୂପ ଇତ୍ୟାଦି ଜଳ ସଂପଦ । ମାତ୍ର ରିଜରଭର ସବୁଠାରୁ ଭଲ ଜଳ ଉତ୍ସ । ଝରଣା ରହିଥିବା ସ୍ଥାନ ମଧ୍ୟ ଭଲ ଜଳ ଉତ୍ସ କାରଣ ଖରାଦିନେ ଝରଣା ଶୁଖେ ନାହିଁ ଏବଂ ଦରକାର ମୁତାବକ ଏଥିରୁ ଜଳ ପୋଖରୀରେ ଭର୍ତ୍ତି କରାଯାଇ ପାରିବ । ସାଧାରଣତଃ ଆମର ପୋଖରୀଗୁଡ଼ିକ ବର୍ଷା ଜଳ ଉପରେ ନିର୍ଭର କରନ୍ତି । ଏପରି ସ୍ଥଳରେ ବାର୍ଷିକ ବର୍ଷାର ପରିମାଣ ଜାଣିବା ଦରକାର ।

**ପୋଖରୀର ଆକାର :**

ଅବବାହିକା ବା ଜମିଟିର ରୂପରେଖ, ଜଳଯୋଗାଣ ଏବଂ ଚାଷୀର ଆବଶ୍ୟକତା ଉପରେ ପୋଖରୀର ଆକାର ନିର୍ଭର କରିଥାଏ । ନର୍ସରୀ ପୋଖରୀ ଅଭିପାଳନ ପୋଖରୀ ଠାରୁ ଛୋଟ ଏବଂ ପାଳନ ପୋଖରୀ ଅଭିପାଳନ ପୋଖରୀଠାରୁ ବଡ଼ ହୋଇଥାଏ । ପରିଚାଳନାଗତ ସୁବିଧା ଯୋଗୁଁ ନୂତନ ଚାଷୀମାନେ ପ୍ରଥମେ ଛୋଟ ପୋଖରୀ ଖୋଳି ନିଜର ଅଭିଜ୍ଞତା ହାସଲ କରିବା ଉଚିତ୍ । ସାଧାରଣତଃ ଆୟତାକାର ପୋଖରୀ ଗୋଲାକାର ପୋଖରୀ ତୁଳନାରେ ଭଲ । ଆୟତାକାର ପୋଖରୀର ଦୈର୍ଘ୍ୟ ପ୍ରସ୍ଥର ୩ ଗୁଣ ହେବା ଦରକାର । ଆୟତାକାର ପୋଖରୀର ପ୍ରସ୍ଥ ୩୦-୪୦ ମିଟର ହେବା ଦରକାର । କାରଣ ୪୦ ମିଟରରୁ ଅଧିକ ଜାଲ ଅମଲ କରିବା ପାଇଁ କଷ୍ଟସାଧ୍ୟ ।

**ହୁଡ଼ାର ରକ୍ଷଣାବେକ୍ଷଣ :**

ଅନେକ ସମୟରେ ବର୍ଷା ପାଣିରେ ଏବଂ ପୋଖରୀ ଜଳର ଢେଉରେ ବନ୍ଧ କ୍ଷୟ ହେବାର ସମ୍ଭାବନା ଥିବାରୁ ବନ୍ଧଗୁଡ଼ିକ ଦୃଢ଼ ହେବା ଆବଶ୍ୟକ । ଏହା ବ୍ୟତୀତ ବନ୍ଧରେ ଘାସର ଗାଲିଚା ସୃଷ୍ଟି କରିବା ଦରକାର । ବଡ଼ ବଡ଼ ପୋଖରୀରେ ବନ୍ଧର ପାର୍ଶ୍ୱ ଦେଶରେ କ୍ରମାବନିତ ଅଧିକ ହେବା ଉଚିତ୍ । ଅନେକ ସ୍ଥାନରେ ଇଟା ବା ପଥର ଛାଉଣି କରାଯାଇ ଏହି ଅବକ୍ଷୟକୁ ରୋକାଯାଇ ପାରିବ । ବାଉଁଶ ପାତିଆର ଛାଉଣି

ଦ୍ୱାରା ମଧ୍ୟ ଏହି ଅବକ୍ଷୟକୁ କିଛି ମାତ୍ରାରେ ରୋକି ହେବ । ବନ୍ଧକୁ ମଜବୁତ ବା ଶକ୍ତ କରିବା ପାଇଁ ବନ୍ଧର ଉପରିଭାଗରେ ଲତାଜାତୀୟ (ତଳେ ମାଡୁଥିବା) ଘାସ ଲଗାଇବା ଦରକାର । ବନ୍ଧର ଗଡ଼ାଣିଆ ଭାଗରେ ଓ ପାଣି ଧାରରେ କଳମ ଜାତୀୟ ଉଦ୍ଭିଦ ଲଗାଇବା ଉଚିତ୍ । କଙ୍କଡ଼ା, ସାପ, ବିଲାତି ରୋହୀ, ତୋଡ଼ି ପ୍ରଭୃତି ବନ୍ଧରେ ଗାତ କରିଥାନ୍ତି, ଏହି ଗର୍ତ୍ତକୁ କାଦୁଅ ପେଣ୍ଡୁ ଦ୍ୱାରା ପୂରଣ କରିବା ଦରକାର ।

ଉପରୋକ୍ତ ସାଧାରଣ ତଥ୍ୟ ବ୍ୟତୀତ ନିମ୍ନଲିଖିତ ତଥ୍ୟ ମାନଙ୍କ ଉପରେ ଗୁରୁତ୍ୱ ଦେବା ଦରକାର । ଯଥା :-

**୧. ମୃତ୍ତିକାର ବିନ୍ୟାସ :** ମୃତ୍ତିକାରେ ଶତକଡ଼ା ୨୩-୫୨ ଭାଗ ବାଲି, ୨୮-୫୦ ଭାଗ ପଟୁ ଓ ୭-୨୭ ଭାଗ ପଙ୍କ ମାଛ ଚାଷ ପାଇଁ ଉପଯୁକ୍ତ ।

**୨. ମୃତ୍ତିକାର ଅମ୍ଳତ୍ୱ ଓ କ୍ଷାରତ୍ୱ :** ମୃତ୍ତିକାର ଅମ୍ଳତ୍ୱ ୫.୫ ରୁ କମ୍ ଓ କ୍ଷାରତ୍ୱ ୯.୦ ରୁ ଅଧିକ ହେଲେ ଏହା ମାଛ ଚାଷ ପାଇଁ ଅନୁପଯୁକ୍ତ । ଏହାର ମାନ ୬.୫ ରୁ ୭.୫ ହେଲେ ଏହା ଆଦର୍ଶ ମୃତ୍ତିକା ।

**୩. ଜୈବିକ ପଦାର୍ଥ :** ମୃତ୍ତିକାର ଜୈବିକ ପଦାର୍ଥ ଉପରେ ମାଛ ଉତ୍ପାଦନ ବହୁ ପରିମାଣରେ ନିର୍ଭର କରିଥାଏ । ଭଲ ମାଛ ଉତ୍ପାଦନ ନିମନ୍ତେ ଜୈବିକ ଅଙ୍ଗାରର ପରିମାଣ ଶତକଡ଼ା ୦.୫-୧.୫ ମଧ୍ୟରେ ରହିବା ଆବଶ୍ୟକ ।

**୪. ଯବକ୍ଷାରଯାନ :** ପୁଷ୍ଟିସାରର ବିପାଚନ ନିମନ୍ତେ ଯବକ୍ଷାରଯାନ ଦରକାର । ମାଛ ଚାଷ ନିମନ୍ତେ ଏହାର ପରିମାଣ ୦.୦୨୫ ରୁ ୦.୦୫ ମଧ୍ୟରେ ରହିବା ଉଚିତ୍ ।

**୫. ଫସ୍‌ଫରସ୍ :** ଏହାର ପରିମାଣ ଶତକଡ଼ା ୦.୦୦୩ ରୁ କମ୍ ହୋଇଥାଏ । ଯବକ୍ଷାରଯାନର ସଦୁପଯୋଗ ନିମନ୍ତେ ଫସ୍‌ଫରସ୍ ଆବଶ୍ୟକ ।

## ପୋଖରୀର ପ୍ରସ୍ତୁତିକରଣ

**ଦଳ ଓ ଘାସ ଉତ୍ପାଟନ :** ନିମ୍ନଲିଖିତ ପଦ୍ଧତି ଅନୁସାରେ ଦଳ ନିୟନ୍ତ୍ରଣ କରାଯାଏ । ଯଥା :-

**୧. ଲୋକ ଶକ୍ତି ବିନିଯୋଗ :** ଜଳାଶୟ/ପୋଖରୀ ମଧ୍ୟରେ ଲୋକମାନେ ପ୍ରବେଶ କରି ଦଳ ସଫା କରନ୍ତି ।

**୨. ସାର ଓ ଛାୟା ପ୍ରୟୋଗ :** ଅଧିକ ପରିମାଣରେ ବୁଡ଼ାଦଳ ଥିଲେ ପୋଖରୀରେ ବହୁମାତ୍ରାରେ ଗୋବର ବା ପିଡ଼ିଆ ଆଦି ଜୈବିକ ସାର ପକାଇବାକୁ ହୁଏ । ଏହା ଜଳର ଉପରି ଭାଗରେ ଶୈବାଳର ଏକ ସ୍ତର ସୃଷ୍ଟି କରନ୍ତି । ଏଣୁ ସୂର୍ଯ୍ୟକିରଣ ନ ପାଇ ବୁଡ଼ା ଦଳ ମରିଯାଏ ।

୩. ଯନ୍ତ୍ର ବ୍ୟବହାର : ଉଇଡ୍‌କଟର ନାମ ଏକ ଯନ୍ତ୍ର ଦ୍ୱାରା ଦଳ କାଟି ସଫା କରାଯାଏ ।

୪. **ରାସାୟନିକ ଦ୍ରବ୍ୟ ପ୍ରୟୋଗ :** ଏହା ମତ୍ସ୍ୟ ବିଶେଷଜ୍ଞଙ୍କ ପରାମର୍ଶ ନେଇ ପ୍ରୟୋଗ କରିବା ଉଚିତ୍ ।

**(କ) ଭସାଦଳ ନିୟନ୍ତ୍ରଣ :** ୨-୪ ଡି-୪.୫ କି.ଗ୍ରା.ରୁ ୬.୭ କି.ଗ୍ରା. ହେକ୍ଟର ପିଛା ପ୍ରୟୋଗ କରାଯାଏ (କିମ୍ବା) ସିମାଜିନ୍-ହେକ୍ଟର ପିଛା ୫ କି.ଗ୍ରା. ହିସାବରେ ପ୍ରୟୋଗ କରାଯାଏ ।


**(ଖ) ପାର୍ଶ୍ୱଦଳ :** ୨-୪ଡି ସୋଡ଼ିୟମ୍‌କୁ ପାଣିରେ ଗୋଳି ସିଞ୍ଚନ କରିବେ । ହେକ୍ଟର ପିଛା ୫ କି.ଗ୍ରା. ହିସାବରେ ଏହା ପ୍ରୟୋଗ କରାଯାଏ ।

**(ଗ) ଉର୍ଦ୍ଧ୍ୱଗାମୀ ଦଳ :** ୨-୪ ଡି ୫ କି.ଗ୍ରା. ହେକ୍ଟର ପିଛା ପାଣିରେ ମିଶାଇ ସିଞ୍ଚନ କରିବା ଉଚିତ୍ ।

**(ଘ) ବୁଡ଼ା ଦଳ :** ସୋଡ଼ିୟମ୍ ଆରସେନାଇଟ୍ - ୫-୬ ପି.ପି. ଏମ୍. କିମ୍ବା ୟୁରିଆ ୫୦-୧୦୦ ପି.ପି.ଏମ୍. ବ୍ୟବହାର କରାଯାଏ ।

**(ଙ) ଶୈବାଳ ଜାତୀୟ :** ତୁତିଆ-୦.୧ରୁ ୧.୦ ଗ୍ରାମ୍/ଲିଟର ହିସାବରେ ପୋଖରୀ ପାଣିରେ ପ୍ରୟୋଗ କରାଯାଏ ।

**ଶିକାରୀ ଓ ଅନାବନା ମାଛ ଦମନ :**



ଶିକାରୀ ମାଛ (ଯାଆଁଳ ମାନଙ୍କ ଭକ୍ଷକ) ଯଥା : ବାଲିଆ, ମାଗୁର, ସିଙ୍ଗି, କଣ୍ଟିଆ, ଶେଉଳ, ଗଡ଼ିଶା, କଉ, ଚିତଳ ଆଦି ଅନ୍ୟ ମାଛକୁ ଖାଇ ଯାଆନ୍ତି ।

ଅନାବନା ମାଛ (ଚାଷପୋଯୋଗୀ ମାଛମାନଙ୍କର ପ୍ରତିଦ୍ୱନ୍ଦି) ମାନଙ୍କୁ ଦୂର କରିବାରେ ନିମ୍ନଲିଖିତ ଉପାୟମାନ ଗ୍ରହଣ କରିବାକୁ ପଡ଼ିବ ଯଥା :-

(୧) ଯାଆଁଳ ଛାଡ଼ିବାର ୧୪ ଦିନ ପୂର୍ବରୁ ଏକର ପ୍ରତି ମହୁଲ ପିଡ଼ିଆ ୧୦୦୦ କି.ଗ୍ରା. କିମ୍ବା ବ୍ଲିଚିଂ ପାଉଡର ୧୪୦ କି.ଗ୍ରା. କିମ୍ବା ବ୍ଲିଚିଂ ପାଉଡର ୭୦ କି.ଗ୍ରା. ଓ ୟୁରିଆ ୪୦ କି.ଗ୍ରା. ମିଶାଇ ବ୍ୟବହାର କରିବା ଉଚିତ୍ ।

(୨) ଡେରିସ୍ ଗଛ ମୂଳର ଗୁଣ୍ଡକୁ ୪-୨୦ ପି.ପି.ଏମ୍. ମାତ୍ରାରେ ମଧ୍ୟ ବ୍ୟବହାର କରାଯାଇ ପାରିବ । ଏହାର ବିଷ ପ୍ରକ୍ରିୟା ୪-୧୨ ଦିନ ରୁହେ ।

**ଚୂନ ପ୍ରୟୋଗ :**



ପାଣିକୁ ଭଲଭାବେ ପରୀକ୍ଷା କରି ଆବଶ୍ୟକତା ଅନୁସାରେ ସାଧାରଣତଃ ଏକର ପ୍ରତି ୮୦ କି.ଗ୍ରା. ଚୂନ ବ୍ୟବହାର କରାଯାଇଥାଏ ।

**ସାର ପ୍ରୟୋଗର ମାତ୍ରା :**



ଏକର ପ୍ରତି ପୋଖରୀରେ ପ୍ରାରମ୍ଭିକ ସାର ପ୍ରୟୋଗର ମାତ୍ରା ହେଲା : ବାଦାମ ପିଡ଼ିଆ ଓ ସୋରିଷ ପିଡ଼ିଆ ୩୦୦ କି.ଗ୍ରା., ଗୋବର ୧୦୦ କି.ଗ୍ରା. ଏବଂ ସୁପର ଫସ୍‌ଫେଟସ୍ ୨୦ କି.ଗ୍ରା. ।

ଉପରୋକ୍ତ ସାରର ଶତକଡ଼ା ୫୦ ଭାଗ ଯାଆଁଳ ଛାଡ଼ିବାର ୩ ଦିନ ପୂର୍ବରୁ ୨-୩ ଥରରେ ବ୍ୟବହାର କରାଯାଇପାରେ । ଯଦି ଅଦରକାରୀ ତଥା ଶିକାରୀ ମାଛ ମାରିବା ପାଇଁ ମହୁଲ ପିଡ଼ିଆ ବ୍ୟବହାର କରାଯାଇଥାଏ ତେବେ ପ୍ରାରମ୍ଭିକ ଉର୍ବରକ ଦରକାର ପଡ଼େ ନାହିଁ ।

**ଜଳୀୟ କୀଟ ନିୟନ୍ତ୍ରଣ :**

ଜଳୀୟ କୀଟ ଯାହାକୁ "ଗୁଣ୍ଡ ଜାଆଁଳର ଶତ୍ରୁ" ବୋଲି କୁହାଯାଏ ଯଥା : ନଟୋନେକ୍ଟା, ନେପା, ରାନାଟ୍ରା, ସିବିଷ୍ଟର, ହାଇଡ୍ରୋମେଟ୍ରା ଓ ଗେରିଶ ଇତ୍ୟାଦିଙ୍କର ନିରାକରଣ କରିବା ନିତାନ୍ତ ଆବଶ୍ୟକ । ଏମାନଙ୍କର ନିରାକରଣ ପାଇଁ ନିମ୍ନଲିଖିତ ଉପାୟ ଅବଲମ୍ବନ କରିବା ଉଚିତ୍ । ଯଥା :-

(୧) ସାଧାରଣ ଖାଇବା ତେଲ ୨୨ ଲିଟର ଏବଂ ଯେ କୌଣସି ସାବୁନ୍ ଗୁଣ୍ଡ ୭.୨ କି.ଗ୍ରା. କିମ୍ବା କିରୋସିନ୍ ୪୦-୮୦ ଲିଟର ଏବଂ ସର୍ଫ ପାଉଡର ୮୦୦ ଗ୍ରା.ରୁ ୧.୨ କି.ଗ୍ରା. ବ୍ୟବହାର କରିବା ଉଚିତ୍ ।

(୨) କ୍ଷୁଦ୍ର ଛିଦ୍ର ବିଶିଷ୍ଟ ଏକ ଜାଲକୁ ବାରମ୍ବାର ପୋଖରୀରେ ପକାଇ ପୋକ ଜୋକଙ୍କୁ ନିୟନ୍ତ୍ରଣ କରିପାରିବା ।

(୩) ଡାଏଲଡ୍ରିନ୍‌କୁ ସାଧାରଣତଃ ୦.୫ ପି.ପି.ଏମ୍. ପରିମାଣରେ ପୋଖରୀରେ ବ୍ୟବହାର କରାଯାଇପାରେ ।

(୪) ଏନ୍‌ଡିନ୍‌କୁ ୦.୦୦୧ ପି.ପି.ଏମ୍. ପରିମାଣରେ ବ୍ୟବହାର କରାଯାଇପାରେ ।

(୫) ଡେରିସ୍ ଗଛ ମୂଳର ଗୁଣ୍ଡ ଓ ଚୂନ ପୋଖରୀରେ ୨-୪ ପି.ପି.ଏମ୍. ପରିମାଣରେ ପକାଇ ପୋକ ଜୋକକୁ ସମୂଳେ ବିନାଶ କରିପାରିବା ।

**ଯାଆଁଳ ଛାଡ଼ିବା ଓ ବଢ଼ାଇବା ପଦ୍ଧତି**





୪୧ ରୁ ୬୦ ମି.ମି. ଯାଆଁଳ ହେକ୍ଟର ପିଛା ୧୦,୦୦୦ ସଂଖ୍ୟାରେ କିମ୍ବା ୧୦୦ ମି.ମି. ଜାଆଁଳ ୫୦୦୦-୭୫୦୦ ହେକ୍ଟର ପିଛା ଛଡ଼ାଯାଏ । ଭାକୁର ୧୦ ଭାଗ, ରୋହୀ ୨୫ ଭା. ମିରିକାଲୀ୧୦ ଭାଗ, ସିଲଭର କାର୍ପ ୨୫ ଭାଗ, ଗ୍ରାସ୍ କାର୍ପ ୧୦ ଭାଗ, ବିଲାତୀ ରୋହି ୨୦ ଭାଗ ହିସାବରେ ପୋଖରୀରେ ଛଡ଼ାଯାଏ । ଯାଆଁଳ ଗୁଡ଼ିକୁ ଥଣ୍ଡା ସମୟରେ ତଥା ସୂର୍ଯ୍ୟୋଦୟ ସମୟରେ ଛାଡ଼ିବା ଆବଶ୍ୟକ ।

**ମାଛ ଖାଦ୍ୟ**



ବାଦାମ ପିଡ଼ିଆ ଓ କାଣ୍ଡିଆ କୁଣ୍ଡା ସମାନ ଅନୁପାତରେ ମିଶାଇ ମାଛକୁ ପ୍ରତିଦିନ ଖାଦ୍ୟ ଭାବରେ ଦେବାର ପ୍ରଚଳନ ଅଛି । ଏହାଛଡ଼ା ଖୁଦ, ଚୋକଡ଼, ବିଭିନ୍ନ ତେଲର ପିଡ଼ିଆ (ଶୋରିଷ ପିଡ଼ିଆ) ମଧ୍ୟ ମାଛ ପାଇଁ ଖାଦ୍ୟ ରୂପେ ବ୍ୟବହୃତ ହୋଇପାରିବ । ଏଥିରେ ଶତକଡ଼ା ୫-୧୦ ଭାଗ ପର୍ଯ୍ୟନ୍ତ ପ୍ରାଣୀଜ ପୁଷ୍ଟିସାର ମିଶାଇଲେ ଖାଦ୍ୟର ମାନ ବଢ଼ିଯାଏ ଓ ଶରୀର ବୃଦ୍ଧିରେ ସହାୟକ ହୋଇଥାଏ ।

**ଖାଦ୍ୟ ଦେବା ପଦ୍ଧତି :**

ସାଧାରଣତଃ ପୋଖରୀରେ କେତେ ଓଜନର ମାଛ ଅଛନ୍ତି ତାହାର ଆକଳନ କରି ସେହି ଓଜନର ୨.୫ ଭାଗ ଖାଦ୍ୟ ଦୈନିକ ଦେଲେ ଚଳିବ । ହେକ୍ଟର ପିଛା ୧୦୦୦୦ ସଂଖ୍ୟାରେ ଯାଆଁଳ ଛାଡ଼ିଥିଲେ (୪୧-୬୦ ମିମି) ପ୍ରଥମ ୩ ମାସ ଯଥା : ଜୁଲାଇରୁ ସେପ୍ଟେମ୍ବର ଖାଦ୍ୟ ନ ଦେଲେ ଭଲ । ତା ପର ୩ ମାସ ଦୈନିକ ୫୦୦ ଗ୍ରାମ୍ ହିସାବରେ ଏବଂ ପରବର୍ତ୍ତୀ ୩ ମାସ ଦୈନିକ ୧୦୦୦ ଗ୍ରାମ୍ ହିସାବରେ ଏବଂ ଶେଷ ୩ ମାସ ଦୈନିକ ୨୦୦୦ ଗ୍ରାମ୍ ହିସାବରେ ଖାଦ୍ୟ ଦେବାକୁ ପଡ଼େ ।

ଖାଦ୍ୟ ପ୍ରତିଦିନ ସକାଳେ ଓ ସଂଧାରେ ନିର୍ଦ୍ଦିଷ୍ଟ ସ୍ଥାନ ମାନଙ୍କରେ ପାଣି ଭିତରେ ଝୁଡ଼ି ଟଙ୍ଗାଇ ତା ଭିତରେ ଦିଆଯାଏ । ଏହା ବ୍ୟତୀତ ପୋଖରୀ ଭିତରେ ସ୍ଥାନେ ସ୍ଥାନେ ଖୁଣ୍ଟ ପୋତି ସେଥିରେ ବ୍ୟାଗ୍ କିମ୍ବା ଅଖା ଟଙ୍ଗାଇ ଦିଆଯାଇପାରେ ଏବଂ ସେଥିରେ ଛୋଟ ଛୋଟ କଣା ଥିଲେ ମାଛ ଖୁମ୍ପି ଖାଇବ । କଳମ ଶାଗ, କୋବି ପତ୍ର, କଦଳୀ ପତ୍ରକୁ ଚୂନି ଚୂନି କାଟି ବାଉଁଶ ଧଡ଼ା କରି ନିର୍ଦ୍ଦିଷ୍ଟ ଜାଗାରେ ରଖିଲେ ଗ୍ରାସ୍ କାର୍ପଙ୍କୁ ଖାଇବାରେ ସୁବିଧା ହେବ ।

**ରକ୍ଷଣାବେକ୍ଷଣ**

ମତ୍ସ୍ୟ ଉତ୍ପାଦନରେ ରକ୍ଷଣାବେକ୍ଷଣର ଭୂମିକା ଗୁରୁତ୍ୱପୂର୍ଣ୍ଣ । ପୋଖରୀର ପାଣି ଓ ମାଟିକୁ ପରୀକ୍ଷା କରି ଆବଶ୍ୟକ ସ୍ଥଳେ ସାର ପ୍ରୟୋଗ କରି ଉତ୍ପାଦିକା ଶକ୍ତିକୁ ସ୍ଥିର ରଖିବା ବିଧେୟ । ପୋଖରୀରେ ଅଯଥା ଦଳ ସୃଷ୍ଟି ହେଲେ ଗ୍ରାସ୍ କାର୍ପ ଛାଡ଼ି ଦଳର ସଦୁପଯୋଗ କରିବା ଉଚିତ୍ । ଠିକ୍ ଭାବେ ଶରୀର ବୃଦ୍ଧି ହେଉଥିଲେ ଖାଦ୍ୟ ବଢ଼ାଇବେ କିମ୍ବା ଜଳ ଓ ମାଟିର ଗୁଣ ପରୀକ୍ଷା କରି ଅଳ୍ପ ବୃଦ୍ଧିର କାରଣ ନିର୍ଣ୍ଣୟ କରିପାରିବେ ।

**ରୋଗର ନିୟନ୍ତ୍ରଣ**

ମାଛ ଚାଷକୁ ଫଳପ୍ରଦ ବା ଲାଭ ଜନକ କରିବାକୁ ହେଲେ ମାଛ ଚାଷୀକୁ ମାଛର ରୋଗ ସମ୍ବନ୍ଧରେ ଜାଣିବାକୁ ପଡ଼ିଥାଏ । ଏପରି ପରିସ୍ଥିତିରେ ବିଶେଷଜ୍ଞଙ୍କୁ ଡାକି ଔଷଧ ଦେବାକୁ ପଡ଼ିଥାଏ ।

**ଅମଳ**

ଅମଳକ୍ଷମ ମାଛମାନଙ୍କର ଓଜନ ୫୦୦ ଗ୍ରାମରୁ ୨ କି.ଗ୍ରା. ମଧ୍ୟରେ ହେବା ଦରକାର । ଏହି ଆକୃତିର ମାଛ ପୋଖରୀରେ ବଢ଼ାଇବା ପାଇଁ ୧୦ ମାସରୁ ଅଧିକ ସମୟ ଲାଗିଯାଇପାରେ । ଏକ ସମୟରେ ଅଧିକ ଅମଳ କଲେ ବିକ୍ରି କରିବାରେ ସମସ୍ୟା ଥାଏ । ଏଣୁ ବଜାରର ଚାହିଦା ଅନୁସାରେ ବଡ଼ ମାଛକୁ ଧରି ବିକ୍ରୀ କରିଦେବା ଉଚିତ୍ ଏବଂ ଯେଉଁ ମାଛ ଯେଉଁ ଅନୁପାତରେ ଧରିଲେ ସେହି ଅନୁପାତରେ ସେହି ଜାତି ମାଛର ଯାଆଁଳ ପୁଣି ଥରେ ଛାଡ଼ିବା ଉଚିତ୍ ।

